আম জঙ্গল যোজনা

# ଆମ ଜଙ୍ଗଲ ଯୋଜନା ଦର୍ପଣ

ଆମ ଜଙ୍ଗଲ ଯୋଜନା

ତ୍ରୈମାସିକ ସମ୍ବାଦ ପତ୍ରିକା | ଜାନୁଆରୀ-ମାର୍ଚ୍ଚ, ୨୦୨୪ | ସପ୍ତମ ବର୍ଷ ▪ ସଂକଳନ ସଂଖ୍ୟା-୪

Govt. of Odisha

## ସୂଚୀପତ୍ର


- ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ପ୍ରମୁଖ ସଫଳତା
- ଚଳିତ ତ୍ରୈମାସରେ କରାଯାଇଥିବା କାର୍ଯ୍ୟକ୍ରମ
- ସଂକ୍ଷିପ୍ତ ଖବର
- ସଫଳତା କାହାଣୀ


## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ଆମ ଜଙ୍ଗଲ ଯୋଜନା ଏହାର ସମ୍ପ୍ରସାରିତ ଅବଧିର ଶେଷ ବର୍ଷରେ ଉପନୀତ। ଏହି ଯୋଜନାର ଅବଧି ମଧ୍ୟରେ ନିରନ୍ତର ଜଙ୍ଗଲ ପରିଚାଳନା ଏବଂ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ଲୋକମାନଙ୍କର ଜୀବିକାର ଉନ୍ନତି ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଛି। ଜଙ୍ଗଲ ନିଆଁ ନିବାରଣ ଓ ନିୟନ୍ତ୍ରଣ କ୍ଷେତ୍ରରେ ଗୋଷ୍ଠୀ ସଚେତନତା ସର୍ବଦା ଏକ ଆହ୍ୱାନ ହୋଇ ଆସିଅଛି। କିନ୍ତୁ ଜଙ୍ଗଲ ସୀମାବର୍ତ୍ତି ଅଞ୍ଚଳର ଅଧିବାସୀ ମାନଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଏହାକୁ ସଫଳତାର ସହ ମୁକାବିଲା କରାଯାଇ ପାରିଛି। ଏକ ପକ୍ଷରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯିବା ସଙ୍ଗେ ସଙ୍ଗେ ଅନ୍ୟ ପକ୍ଷରେ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକ ମାନଙ୍କର ଜୀବିକାକୁ ସୁନିଶ୍ଚିତ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଆଭିମୁଖ୍ୟ। ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ୨୩ଟି ବନଖଣ୍ଡରେ ସ୍ଥାନୀୟ ଲୋକ ମାନଙ୍କ ସକ୍ରିୟ ସହଭାଗିତାରେ ୪,୬୦୧ ଟି ବନ ସୁରକ୍ଷା ସମିତି (VSS) ଅନ୍ତର୍ଗତ ମୋଟ ୨,୨୯,୫୧୮ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳର ପୁନରୁଦ୍ଧାର ଏବଂ ୧୦୦୫ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବନୀକରଣ କରାଯାଇଛି। ଅଧିକନ୍ତୁ, ଯୋଜନାର ଅବଧି ମଧ୍ୟରେ ସରକାରଙ୍କ ବିଭିନ୍ନ ବିଭାଗର ଯୋଜନା ଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରି ଅନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ୪.୨ ଲକ୍ଷ ପରିବାରର ୩୦,୭୨,୯୭୬ ହିତାଧିକାରୀ ମାନଙ୍କ ପାଇଁ ୯୬୨.୪୮ କୋଟି ଟଙ୍କାର ଜୀବିକା ତଥା ଗୋଷ୍ଠୀ ଉନ୍ନୟନ ଭିତ୍ତିକ ସହାୟତା ସୁନିଶ୍ଚିତ କରାଯାଇ ପାରିଛି।

ଅନୁସୂଚିତ ଜଙ୍ଗଲ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ସମୟରେ ସଂପାଦନ କରିବା ସହିତ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳକୁ ବ୍ୟାପକ ବନାଗ୍ନି ଦାଉରୁ ରକ୍ଷା କରିବା ପାଇଁ ଚଳିତ ତ୍ରୈମାସିକ (ଜାନୁଆରୀ-ମାର୍ଚ୍ଚ,୨୦୨୪) ବର୍ଷର ଅତ୍ୟନ୍ତ ଘଟଣାବହୁଳ ସମୟ ଥିଲା। ରାଜ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଶୁଖିଲା ପାଗ ଓ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିରେ ଜଙ୍ଗଲ ନିଆଁ କବଳରୁ ବନାଞ୍ଚଳକୁ ରକ୍ଷା କରିବାପାଇଁ ଏହି ତିନି ମାସ ଅତିରିକ୍ତ ପ୍ରୟାସ କରାଯାଇଛି।

ଜଙ୍ଗଲ କୈନ୍ଦ୍ରିକ ଗୋଷ୍ଠୀ ବିକାଶ ଏବଂ ଜଙ୍ଗଲ ସୀମାନ୍ତ ଅଞ୍ଚଳରେ ରହୁଥିବା ଗୋଷ୍ଠୀ ମାନଙ୍କର ଜୀବିକା ଉନ୍ନୟନ ଦିଗରେ ଆମ ଜଙ୍ଗଲ ଯୋଜନା ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ଆସୁଅଛି। ପ୍ରକଳ୍ପ ଅବଧି ମଧ୍ୟରେ ସମ୍ପାଦିତ କାର୍ଯ୍ୟକଳାପ ଏବଂ ଘଟଣାଗୁଡ଼ିକୁ ସଂକ୍ଷିପ୍ତ ଭାବରେ ସଂକଳିତ କରାଯାଇ ସମସ୍ତ ଅଂଶୀଦାରଙ୍କ ଅବଗତି ନିମନ୍ତେ "ଆମ ଜଙ୍ଗଲ ଯୋଜନା ଦର୍ପଣ"ର ଏହି ସଂଖ୍ୟାରେ ସ୍ଥାନିତ କରାଯାଇଛି। ଏହାବ୍ୟତୀତ ବନ ସୁରକ୍ଷା ସମିତି ଗୁଡିକର ଦୃଷ୍ଟାନ୍ତମୂଳକ ପ୍ରୟାସଗୁଡିକୁ ଏହି ସଂଖ୍ୟାରେ ସଫଳ କାହାଣୀ ଭାବେ ବର୍ଣ୍ଣନା କରାଯାଇଛି। ଆଶା କରୁଛି, ଆମ ଜଙ୍ଗଲ ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ବନଖଣ୍ଡ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଲୋକ ମାନଙ୍କ ପାଇଁ ଏହିପରି ଅଭିନବ କାର୍ଯ୍ୟ ସବୁ ଭବିଷ୍ୟତରେ ମଧ୍ୟ ଜାରିରଖିବେ।

**ଡଃ.ମୀତା ବିଶ୍ୱାଳ,** ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶକ
ଓଡିଶା ବନାଞ୍ଚଳ ଉନ୍ନୟନ ସମିତି

*"What we are doing to the forests of the world is but a mirror reflection of what we are doing to ourselves and to one another"*



# ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ପ୍ରମୁଖ ସଫଳତା

୨୩ଟି ଜଙ୍ଗଲ ଓ ବନ୍ୟପ୍ରାଣୀ ଡିଭିଜନରେ ଜଙ୍ଗଲ ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ମାନଙ୍କ ପାଇଁ ନିରନ୍ତର ଜଙ୍ଗଲ ପରିଚାଳନା ଏବଂ ବିକଳ୍ପ ଜୀବିକା ଉନ୍ନୟନ ଉଦ୍ଦେଶ୍ୟରେ ରାଜ୍ୟରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଯୁଗ୍ମ ଜଙ୍ଗଲ ପରିଚାଳନା (JFM) ପଦ୍ଧତିରେ ବନ ସୁରକ୍ଷା ସମିତି (ଭିଏସଏସ) ଦ୍ୱାରା ସ୍ଥାନୀୟ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନର ସକ୍ରିୟ ଅଂଶଗ୍ରହଣରେ ସମସ୍ତ କାର୍ଯ୍ୟ ସମ୍ପାଦିତ କରାଯାଉଛି। ପ୍ରକଳ୍ପର ପ୍ରାରମ୍ଭିକ ଅବଧି (୨୦୧୬-୧୭ରୁ ୨୦୨୧-୨୨) ଶେଷ ହେବା ପରେ ଏହି ଯୋଜନାକୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି। ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମୁଦାୟ ୪,୬୦୧ ସଂଖ୍ୟକ ବନ ସୁରକ୍ଷା ସମିତି (VSS) କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ (ଖାଲି ସ୍ଥାନରେ ବୃକ୍ଷରୋପଣ ଏବଂ ବୃକ୍ଷରୋପଣ ରହିତ) ଓ ଏକ-ଚକଡି ବୃକ୍ଷରୋପଣ ସମେତ ମୋଟ ୨,୩୦,୫୨୩ ହେକ୍ଟର ପରିମିତ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳର ପୁନର୍ଜ୍ଜନନ କରାଯାଇଛି। ଏହାବ୍ୟତୀତ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ ଅବଧି ମଧ୍ୟରେ ୯୬୨.୪୮ କୋଟି ଟଙ୍କା ଅନ୍ତଃ ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ବିନିଯୋଗ କରାଯାଇଛି ଓ ଏଥିରେ ୪.୨ ଲକ୍ଷ ପରିବାରର ୩୦.୭୩ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି।

୨୦୨୩-୨୪ ଆର୍ଥିକ ବର୍ଷରେ ୧୪୨୪ଗୋଟି ବନ ସୁରକ୍ଷା ସମିତି (ଭିଏସ୍ଏସ୍) ଦାୟିତ୍ୱରେ ଥିବା ୬୯,୭୩୭ ହେକ୍ଟର ଜଙ୍ଗଲ ଜମିରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇଛି, ଯେଉଁଥିରେ ୧୯,୯୨୫ ହେକ୍ଟର ବୃକ୍ଷ ରୋପଣ ସହିତ ପୁନର୍ଜନନ ଏବଂ ୪୯,୮୧୨ ହେକ୍ଟର ବୃକ୍ଷ ରୋପଣ ରହିତ ପୁନର୍ଜନନ ଅନ୍ତର୍ଭୁକ୍ତ।

ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ପ୍ରମୁଖ ଉପଲବ୍ଧିର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନ ସାରଣୀରେ ଉପସ୍ଥାପିତ କରାଗଲା।

| | | |
|---|---|---|
| ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ବନଖଣ୍ଡ ଗୁଡ଼ିକର ତାଲିକା (୨୦୧୬-୧୭ରୁ ୨୦୨୪ -୨୫) | ବଣାଇ, ଦେବଗଡ଼, ଜୟପୁର, କେନ୍ଦୁଝର, କେନ୍ଦୁଝର (ବନ୍ୟପ୍ରାଣୀ), ପାରଳାଖେମୁଣ୍ଡି, ରାଉରକେଲା, ଅନୁଗୁଳ, ବାଲେଶ୍ୱର (ବନ୍ୟପ୍ରାଣୀ), ଫୁଲବାଣୀ, କୋରାପୁଟ, ରାୟଗଡ଼ା, ବାଲିଗୁଡ଼ା, ବାମରା (ବନ୍ୟପ୍ରାଣୀ), ବରଗଡ଼, ବଲାଙ୍ଗୀର, ଖରିଆର, କଳାହାଣ୍ଡି (ଉତ୍ତର), କଳାହାଣ୍ଡି (ଦକ୍ଷିଣ), ମାଲକାନଗିରି, ନବରଙ୍ଗପୁର, ରେଢ଼ାଖୋଲ ଓ ସାତକୋଶିଆ (ବନ୍ୟପ୍ରାଣୀ) | |
| ବନାଞ୍ଚଳ ସଂଖ୍ୟା | ୧୩୫ | |
| ଆମ ଜଙ୍ଗଲ ଯୋଜନା ଅନ୍ତର୍ଭୁକ୍ତ ବନ ସୁରକ୍ଷା ସମିତି (ଭିଏସଏସ) ସଂଖ୍ୟା | ୪୬୦୧ | |
| ପ୍ରକଳ୍ପ ଅନ୍ତର୍ଗତ ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀଙ୍କ ସଂଖ୍ୟା | ୧୪,୨୬୩ | |
| ପ୍ରକଳ୍ପ ଅନ୍ତର୍ଭୁକ୍ତ ପରିବାର ସଂଖ୍ୟା | ୪.୨ ଲକ୍ଷ | |
| **କାର୍ଯ୍ୟକ୍ରମ** | **ଧାର୍ଯ୍ୟ ଲକ୍ଷ୍ୟ** | **ଲକ୍ଷ୍ୟ ହାସଲ** |
| ANR (Without Gap Plantation) (ବୃକ୍ଷରୋପଣ ବିନା ଜଙ୍ଗଲର ପୁନର୍ଜ୍ଜନନ) | ୨୩ ବନଖଣ୍ଡ, ୪୬୦୧ ଭିଏସଏସ ଅନ୍ତର୍ଗତ ୨,୦୯,୫୬୮ ହେକ୍ଟର ଦାୟିତ୍ୱ ହସ୍ତାନ୍ତରିତ ଜଙ୍ଗଲ | ୨୩ ବନଖଣ୍ଡ, ୪୬୦୧ ଭିଏସଏସ ଅନ୍ତର୍ଗତ ୨,୦୯,୫୪୩ ହେକ୍ଟର ଜଙ୍ଗଲ |
| ANR (With Gap Plantation) (ବୃକ୍ଷରୋପଣ ସହିତ ପୁନର୍ଜ୍ଜନନ) | ୧୮ ବନଖଣ୍ଡ, ୪୪୬ ଭିଏସଏସ, ୨୦,୦୦୦ ହେକ୍ଟର ଜଙ୍ଗଲ | ୧୮ ବନଖଣ୍ଡ, ୪୪୬ ଭିଏସଏସ, ୧୯,୯୭୫ ହେକ୍ଟର ଜଙ୍ଗଲ |
| ଏକ-ଚକଡି ବୃକ୍ଷରୋପଣ (Block Plantation) | ୧୨ଟି ବନଖଣ୍ଡ ଅନ୍ତର୍ଗତ ୮୭ଟି ସ୍ଥାନରେ ୧୦୦୫ ହେକ୍ଟର ଜଙ୍ଗଲ ଜମି | ୧୨ଟି ବନଖଣ୍ଡ ଅନ୍ତର୍ଗତ ୮୭ଟି ସ୍ଥାନରେ ୧୦୦୫ ହେକ୍ଟର ଜଙ୍ଗଲ ଜମି |
| ବନ ସୁରକ୍ଷା ସମିତି (ଭିଏସଏସ) କୋଠାଘର ତଥା ଜୀବିକା ସାଧନ କେନ୍ଦ୍ର ନିର୍ମାଣ | ୬୧୨ | ୬୧୨ |
| ଦକ୍ଷତା ବିକାଶ ତାଲିମ | ପ୍ରଶିକ୍ଷଣ ସଂଖ୍ୟା- ୯୧୭୧, ଅଂଶଗ୍ରହଣକାରୀ ସଂଖ୍ୟା- ୨,୭୫,୧୧୭ | |
| ଅନ୍ତଃ-ବିଭାଗୀୟ ସମନ୍ୱୟ ଓ ସଂଯୋଗୀକରଣ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ | ୪,୬୦୧ଭିଏସଏସ,୧୪,୨୬୩ ସ୍ୱୟଂ ସହାୟକ ଗୋଷ୍ଠୀ, ୩୦.୭୩ ଲକ୍ଷ ହିତାଧିକାରୀଙ୍କ ପାଇଁ ୯୬୨.୪୮ କୋଟି ଟଙ୍କାର ବିନିଯୋଗ | |

# ଚଳିତ ତ୍ରୈମାସରେ କରାଯାଇଥିବା କାର୍ଯ୍ୟକ୍ରମ

## (କ) ଗୋଷ୍ଠୀ ସଂଚାଳନ ଓ ସୁଦୃଢୀକରଣ

ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ପ୍ରମୁଖ ତୃଣମୂଳ ସ୍ତରର ଅନୁଷ୍ଠାନଗୁଡିକ ହେଉଛି ବନ ସୁରକ୍ଷା ସମିତି (ଭିଏସଏସ) ଏବଂ ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀ (SHG), ଯେଉଁ ମାନଙ୍କ ମାଧ୍ୟମରେ ଆମ ଜଙ୍ଗଲ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସବୁ କାର୍ଯ୍ୟକାରୀ କରା ଯାଇଥାଏ। ତେଣୁ ପ୍ରକଳ୍ପର ସମ୍ପ୍ରସାରଣ ପର୍ଯ୍ୟାୟରେ ଏହି ଅନୁଷ୍ଠାନ ଗୁଡ଼ିକର ସୁଦୃଢ଼ୀକରଣ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି। ନିୟମିତ VSS ବୈଠକ ଆୟୋଜନ, ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ବିଭିନ୍ନ ବିଭାଗର ଯୋଜନା ସହିତ ଆନ୍ତଃ-କ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ ଏବଂ VSS ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଜଙ୍ଗଲ ନିଆଁ ନିବାରଣ ଏବଂ ନିୟନ୍ତ୍ରଣରେ ନିୟୋଜିତ କରିବା ଚଳିତ ତ୍ରୈମାସରେ କରାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମ। ପ୍ରାୟ ୧୪,୨୬୩ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ବିଭିନ୍ନ ବିଭାଗ ସହିତ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ସହିତ ସଂଯୋଗ କରାଯାଇଛି। ନିୟମିତ VSS ବୈଠକ ଆୟୋଜନ କରିବା ଏବଂ VSS ଅଞ୍ଚଳରେ ସମସ୍ତ ଗୋଷ୍ଠୀ ବିକାଶ କାର୍ଯ୍ୟକଳାପ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମକୁ ସୁଗମ କରିବା କ୍ଷେତ୍ରରେ ଆମ ଜଙ୍ଗଲ ଯୋଜନାର କର୍ମଚାରୀଙ୍କ ପ୍ରମୁଖ ଭୂମିକା ରହିଛି।



ତେନ୍ତୁଲିଖୁଣ୍ଟି ବନ ସୁରକ୍ଷା ସମିତି (କଳାହାଣ୍ଡି-ଦକ୍ଷିଣ ବନଖଣ୍ଡ) ରେ ସାଧାରଣ ପରିଷଦ ବୈଠକ



ଗମ୍ଭରିଡ଼ିହି ବନ ସୁରକ୍ଷା ସମିତି (ରେଢାଖୋଲ ବନଖଣ୍ଡ) ରେ ସାଧାରଣ ପରିଷଦ ବୈଠକ



ବଡବାହାଲ ବନ ସୁରକ୍ଷା ସମିତି (ବାମରା ବନ୍ୟପ୍ରାଣୀ ବନଖଣ୍ଡ) ରେ ସାଧାରଣ ପରିଷଦ ବୈଠକ



ସୁଆକାଟି ବନ ସୁରକ୍ଷା ସମିତି (କେନ୍ଦୁଝର-ବନ୍ୟପ୍ରାଣୀ ବନଖଣ୍ଡ) ରେ ସାଧାରଣ ପରିଷଦ ବୈଠକ



କରଲାପଶି ବନ ସୁରକ୍ଷା ସମିତି (କେନ୍ଦୁଝର ବନଖଣ୍ଡ) ରେ ସ୍ୱୟଂ ସହାୟିକା ଗୋଷ୍ଠୀ ବୈଠକ




ଡୁମଡୁମୀ ବନ ସୁରକ୍ଷା ସମିତି (ବଲାଙ୍ଗିର ବନଖଣ୍ଡ) ରେ କାର୍ଯ୍ୟନିର୍ବାହୀ କମିଟି ସଭା




ବନାଗ୍ନି ନିବାରଣ ଓ ନିୟନ୍ତ୍ରଣ ସଭା –କୋଟପାଡ ବନାଞ୍ଚଳ, ଜୟପୁର ବନଖଣ୍ଡ



ବନାଗ୍ନି ନିବାରଣ ପାଇଁ ଶପଥ ପାଠ –କେନ୍ଦୁଝର ବନଖଣ୍ଡ

## (ଖ) ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ ଓ ରକ୍ଷଣାବେକ୍ଷଣ

ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ (ବୃକ୍ଷରୋପଣ ସହିତ ଏବଂ ବୃକ୍ଷରୋପଣ ରହିତ) ପଦ୍ଧତି ଅବକ୍ଷୟ ହୋଇଥିବା ଜଙ୍ଗଲ ସମ୍ପଦର ପୁନରୁଦ୍ଧାର ପାଇଁ ସବୁଠାରୁ ଫଳପ୍ରଦ ପୁନର୍ଜ୍ଜନନ ପଦ୍ଧତି ଭାବରେ ବିବେଚନା କରାଯାଏ। ଚଳିତ ତ୍ରୈମାସରେ ୨୨ଟି ବନଖଣ୍ଡ ଅନ୍ତର୍ଗତ ୧୪୨୪ଗୋଟି ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ ହେଉଥିବା ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ (ବୃକ୍ଷରୋପଣ ସହିତ ଓ ରହିତ)ର ରକ୍ଷଣାବେକ୍ଷଣ କରାଯାଇଛି। ଏଥିମଧ୍ୟରେ ୧୮ଟି ବନଖଣ୍ଡ ଅଧୀନରେ ଥିବା ୪୪୬ଟି ବନ ସୁରକ୍ଷା ସମିତିରେ ୧୯,୯୨୫ ହେକ୍ଟର ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ (ବୃକ୍ଷରୋପଣ ସହିତ) ଓ ୨୨ ଗୋଟି VSSରେ ୪୯,୮୧୨ ହେକ୍ଟର ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ (ବୃକ୍ଷରୋପଣ ରହିତ) ଅନ୍ତର୍ଭୁକ୍ତ।



ବୃକ୍ଷ ରୋପଣ ସହିତ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ – କାଣ୍ଡୀଗୁଡା ବନ ସୁରକ୍ଷା ସମିତି, କେନ୍ଦୁଝର ବନଖଣ୍ଡ



ବୃକ୍ଷ ରୋପଣ ସହିତ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ – ଭୁଲୁକାବାହାଲ ବନ ସୁରକ୍ଷା ସମିତି, ଦେବଗଡ ବନଖଣ୍ଡ



ବୃକ୍ଷ ରୋପଣ ସହିତ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ- ଗୋପୀନାଥପୁର ବନ ସୁରକ୍ଷା ସମିତି, କେନ୍ଦୁଝର ବନଖଣ୍ଡ



ବୃକ୍ଷ ରୋପଣ ସହିତ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ- ରେମାଳ ସାହି ବନ ସୁରକ୍ଷା ସମିତି, ଦେବଗଡ ବନଖଣ୍ଡ



ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ- ଶୁଣ୍ଠୀଗୁଡା ବନ ସୁରକ୍ଷା ସମିତି, ଜୟପୁର ବନଖଣ୍ଡ



ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ ଓ ସଫେଇ କାର୍ଯ୍ୟ- ବଡପିଚୁଲା ବନ ସୁରକ୍ଷା ସମିତି, କେନ୍ଦୁଝର ବନଖଣ୍ଡ





ବୃକ୍ଷ ରୋପଣ ସହିତ ପ୍ରାକୃତିକ ପୁନର୍ଜ୍ଜନନ- ହାଣ୍ଡି ଭଙ୍ଗା ବନ ସୁରକ୍ଷା ସମିତି, କେନ୍ଦୁଝର ବନଖଣ୍ଡ

## (ଗ) ବନାଗ୍ନି ନିବାରଣ ଓ ନିୟନ୍ତ୍ରଣ:

ବନାଗ୍ନି ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ଆମ ଜଙ୍ଗଲ ଯୋଜନାର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା କେବଳ ଜଙ୍ଗଲ ସମ୍ପଦ ଓ ପରିବେଶ ପ୍ରଭାବିତ ହୁଏ ନାହିଁ, ଜଙ୍ଗଲ ନିକଟରେ ବସବାସ କରୁଥିବା ଅଧିବାସୀ ମାନଙ୍କର ଘର ଓ ସମ୍ବଳ ମଧ୍ୟ ବନାଗ୍ନି ଯୋଗୁଁ ଅନେକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେଉଥିବାର ଦେଖାଯାଏ। ଓଡ଼ିଶାର ଗ୍ରୀଷ୍ମମଣ୍ଡଳୀୟ ପର୍ଣ୍ଣମୋଚୀ ଜଙ୍ଗଲରେ ପ୍ରତିବର୍ଷ ଜାନୁଆରୀ ମାସଠାରୁ ମେ’ ମାସ ମଧ୍ୟରେ ଜଙ୍ଗଲରେ ପତ୍ର ଝଡିବା ପରେ ନିଆଁ ଲାଗିବାର ଘଟଣା ଅଧିକ ଦେଖିବାକୁ ମିଳେ। ଏହା ସହିତ ଚଳିତ ତ୍ରୈମାସରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଶୁଖିଲା ପାଗ ଓ

ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଗ୍ନିକାଣ୍ଡ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ବାସ୍ତବରେ ରାଜ୍ୟର ସମୁଦାୟ ବନ ସୁରକ୍ଷା ସମିତି ସଂଖ୍ୟାର ପ୍ରାୟ ଏକଚତୁର୍ଥାଂଶ ଆମ ଜଙ୍ଗଲ ଯୋଜନାରେ ଅନ୍ତର୍ଭୁକ୍ତ; ତେଣୁ ଜଙ୍ଗଲ ନିଆଁ ପରିଚାଳନାରେ ଆମ ଜଙ୍ଗଲ ଯୋଜନା ଅଂଶୀଦାରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଠିକ୍ ସମୟରେ ଅଗ୍ନି ନିରୋଧକ ରେଖା ସୃଷ୍ଟି ଏବଂ ଏହାର ରକ୍ଷଣାବେକ୍ଷଣ, ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି, VSS ଦାୟିତ୍ୱରେ ଥିବା ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ନିଆଁର ତତ୍କାଳ ଚିହ୍ନଟ, ଖବର ପ୍ରଦାନ ଏବଂ ବନାଗ୍ନି ନିୟନ୍ତ୍ରଣରେ ସ୍ଥାନୀୟ ଜନସାଧାରଣ ଏବଂ ଗୋଷ୍ଠୀ ଭିତ୍ତିକ ସଂଗଠନ (ସିବିଓ)ର ସମ୍ପୃକ୍ତି ଓ ସହଭାଗିତା ଏବଂ ବନାଗ୍ନି ପ୍ରବଣ ଜଙ୍ଗଲ ଅଞ୍ଚଳରେ ଅଗ୍ନିପ୍ରଶମନ ଜଗୁଆଳିଙ୍କୁ ନିୟୋଜିତ କରିବା ଆମ ଜଙ୍ଗଲ ଯୋଜନାର ବନାଗ୍ନି ପରିଚାଳନା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ବନ ସୁରକ୍ଷା ସମିତିର ସଦସ୍ୟ ଏବଂ ବନ ବିଭାଗ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟ ସମ୍ପାଦନ କରାଯାଏ। ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବୈଠକ ମାଧ୍ୟମରେ ସଚେତନତା ସୃଷ୍ଟି, ସଚେତନତା ରାଲି ଓ ପଥପ୍ରାନ୍ତ ନାଟକ ଆୟୋଜନ, ଜଙ୍ଗଲ ନିଆଁ ନିବାରଣ ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ ବୈଠକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସମ୍ପୃକ୍ତି ଏବଂ ନିୟୋଜିତ ବନାଗ୍ନି ପ୍ରଶମନ ଦଳର ତ୍ୱରିତ ପଦକ୍ଷେପ ଭଳି କାର୍ଯ୍ୟକ୍ରମ ଆମ ଜଙ୍ଗଲ ଯୋଜନାର ଅନ୍ତର୍ଭୁକ୍ତ ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ନିଆଁ ନିବାରଣ ଏବଂ ନିୟନ୍ତ୍ରଣ କ୍ଷେତ୍ରରେ ବହୁତ ପ୍ରଭାବଶାଳୀ ହୋଇଥାଏ। ଚଳିତ ବର୍ଷ ସକ୍ରିୟ VSS ସଦସ୍ୟ ଏବଂ ଉତ୍ତରଦାୟୀ ପ୍ରକଳ୍ପ କର୍ମଚାରୀମାନଙ୍କ ପ୍ରଶଂସନୀୟ ଅବଦାନ ଯୋଗୁଁ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣାକୁ ସଫଳ ଭାବେ ନିୟନ୍ତ୍ରଣ କରାଯାଇ ପାରିଛି, ଯେଉଁଥିପାଇଁ ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ କୌଣସି ବଡ଼ ଧରଣର ଅଗ୍ନିକାଣ୍ଡ ଦେଖିବାକୁ ମିଳିନାହିଁ ଏବଂ ଜଙ୍ଗଲ ନିଆଁକୁ ଠିକ୍ ସମୟରେ ପରିଚାଳନା କରି ବହୁ ସମ୍ବଳକୁ ରକ୍ଷା କରାଯାଇ ପାରିଛି।

ଏହି ଯୋଜନାରେ ଠିକ୍ ସମୟରେ ଅଗ୍ନିନିରୋଧକ ରେଖା ସୃଷ୍ଟି, ଅଗ୍ନି ପ୍ରଶମନ ଜଗୁଆଳି ନିଯୁକ୍ତି ଏବଂ ବନାଗ୍ନି ନିବାରଣ ପାଇଁ ଜନ ସଚେତନତା ସୃଷ୍ଟି ଭଳି ସମୟୋପଯୋଗୀ ପଦକ୍ଷେପ ବନ ବିଭାଗ କର୍ମକର୍ତ୍ତା ଏବଂ ପ୍ରକଳ୍ପ କର୍ମଚାରୀଙ୍କ ଦ୍ୱାରା ସଠିକ ସମୟରେ କରାଯାଇଛି। ଯାହା ଫଳରେ ଚଳିତ ତ୍ରୈମାସରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ବୃଦ୍ଧି ଓ ଦୀର୍ଘ ଦିନର ଶୁଖିଲା ପାଗ ସତ୍ତ୍ୱେ ବନ ସୁରକ୍ଷା ସମିତି ଗୁଡ଼ିକୁ ସକ୍ରିୟ କରାଯାଇ ଜଙ୍ଗଲ ନିଆଁକୁ ବହୁ ମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିଛି।




ଜଙ୍ଗଲ ସୁରକ୍ଷା ନିମନ୍ତେ ବୃକ୍ଷରେ ରକ୍ଷା ବନ୍ଧନ ସହ ସଚେତନତା ସୃଷ୍ଟି- ତମନାଗୁଡ଼ା ବନ ସୁରକ୍ଷା ସମିତି (ବାମରା ବନ୍ୟପ୍ରାଣୀ ବନଖଣ୍ଡ)



ବନାଗ୍ନି ସଚେତନତା ରାଲି- ପାଟଣା ବନାଞ୍ଚଳ (କେନ୍ଦୁଝର ବନଖଣ୍ଡ)



ଜଙ୍ଗଲ ସୁରକ୍ଷା ନିମନ୍ତେ ବିଦ୍ୟାଳୟ ସ୍ତରରେ ସଚେତନତା ସୃଷ୍ଟି- ଥୁଆମୂଳ ରାମପୁର ବନାଞ୍ଚଳ, (କଳାହାଣ୍ଡି ଦକ୍ଷିଣ ବନଖଣ୍ଡ)



ବନାଗ୍ନି ସଚେତନତା ରାଲି- ଘଟଗାଁ ବନାଞ୍ଚଳ (କେନ୍ଦୁଝର ବନଖଣ୍ଡ)




ବଲାଙ୍ଗିର ବନଖଣ୍ଡ ଅନ୍ତର୍ଗତ ବନ ସୁରକ୍ଷା ସମିତି ରେ ଅଗ୍ନି ନିରୋଧକ ରେଖା ସୃଷ୍ଟି




ଅଗ୍ନି ନିରୋଧକ ରେଖା ସୃଷ୍ଟି- ସିନ୍ଧି ଗାଁ ବନ ସୁରକ୍ଷା ସମିତି (ଜୟପୁର ବନଖଣ୍ଡ)




ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ମର୍ଦ୍ଦାଙ୍ଗ ବନ ସୁରକ୍ଷା ସମିତିରେ ଅଗ୍ନି ନିରୋଧକ ରେଖା ସୃଷ୍ଟି



ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ କମ୍ବିନାଜୁ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ବନାଗ୍ନି ନିୟନ୍ତ୍ରଣ

## ଘ) ମୃତ୍ତିକା ଓ ଜଳ ସଂରକ୍ଷଣ ସଂରଚନାର ପୁନରୁଦ୍ଧାର:

ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ (ଏସଏମସି) କାର୍ଯ୍ୟକ୍ରମ ହେଉଛି ପ୍ରାକୃତିକ ଜଙ୍ଗଲର ପୁନର୍ଜନନ (ଏଏନଆର) କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଅନ୍ୟତମ ମୁଖ୍ୟ ଉପ-କାର୍ଯ୍ୟକ୍ରମ। ବର୍ଷାଜଳର ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, ଭୂପୃଷ୍ଠ ଜଳପ୍ରବାହକୁ ରୋକିବା, ଜଙ୍ଗଲ ଜମିରେ ଆର୍ଦ୍ରତା ବଜାୟ ରଖିବା ଏବଂ ମୃତ୍ତିକା କ୍ଷୟକୁ ରୋକିବା ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ, ଯାହା ଜଙ୍ଗଲରେ ଥିବା ଉଦ୍ଭିଦରାଜିର ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହୋଇଥାଏ। ତେଣୁ, ଆମ ଜଙ୍ଗଲ ଯୋଜନା ଅଧୀନରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ବ୍ୟବସ୍ଥା (SMC) ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ୨୦୨୩-୨୪ ଆର୍ଥିକ ବର୍ଷରେ ଯୋଜନା ଅନ୍ତର୍ଭୁକ୍ତ ୬୯,୭୩୭ ହେକ୍ଟର ଜଙ୍ଗଲ ଅଞ୍ଚଳରେ ଥିବା ଟ୍ରେଞ୍ଚ ଓ ଚେକ୍ ଡ୍ୟାମ୍ ଗୁଡ଼ିକର ନବୀକରଣ କାର୍ଯ୍ୟ କରାଯାଇଛି।



ଟ୍ରେଞ୍ଚ ଗୁଡ଼ିକର ନବୀକରଣ କାର୍ଯ୍ୟ- ମାଡକାମିଗୁଡା ବନ ସୁରକ୍ଷା ସମିତି, ମାଲକାନଗିରି ବନଖଣ୍ଡ



ଟ୍ରେଞ୍ଚ ଗୁଡ଼ିକର ନବୀକରଣ କାର୍ଯ୍ୟ- ମୁରିବାହାଲ ବନ ସୁରକ୍ଷା ସମିତି, ବଲାଙ୍ଗିର ବନଖଣ୍ଡ

## ଙ) ବନ ସୁରକ୍ଷା ସମିତି (ଭିଏସଏସ) ଗୃହ ତଥା ଜୀବିକା ସାଧନ କେନ୍ଦ୍ର ନିର୍ମାଣ:

ଆମ ଜଙ୍ଗଲ ଯୋଜନାରେ ବନ ସୁରକ୍ଷା ସମିତି (VSS)ଗୃହ ତଥା ଜୀବିକା ସାଧନ କେନ୍ଦ୍ର ହେଉଛି ଗୋଷ୍ଠୀ ବା ବନ ସୁରକ୍ଷା ସମିତି ସ୍ତରରେ ନିର୍ମାଣ କରାଯାଇଥିବା ଏକ ବହୁମୁଖୀ କୋଠାଘର ଏବଂ ଜୀବିକା ଭିତ୍ତିକ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ ସ୍ଥାନ, ଯାହା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଏବଂ (VSS) ର ରେକର୍ଡପତ୍ର ରଖିବା ପାଇଁ ଏକ ସ୍ଥାନ ଭାବରେ ବ୍ୟବହୃତ ହୋଇଥାଏ। ଆମ ଜଙ୍ଗଲ ଯୋଜନା ଅଧୀନରେ ମନୋନୀତ କେତେଗୋଟି ବନ ସୁରକ୍ଷା ସମିତିରେ ପ୍ରାୟ ୪୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ କୋଠାଘର ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରକଳ୍ପ ଅବଧି ମଧ୍ୟରେ ଅଦ୍ୟାବଧି (୨୦୨୩-୨୪ ପର୍ଯ୍ୟନ୍ତ) ମୋଟ ୬୧୨ ଗୋଟି ବନ ସୁରକ୍ଷା ସମିତି (ଭିଏସଏସ) ଗୃହ ତଥା ଜୀବିକା ସାଧନ କେନ୍ଦ୍ର ନିର୍ମାଣ କରାଯାଇଛି ଏବଂ ଏହାର ବହୁମୁଖୀ ବ୍ୟବହାର ପାଇଁ ସମ୍ପୃକ୍ତ ବନ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯାଇଛି।



ବନ ସୁରକ୍ଷା ସମିତି ଗୃହ ତଥା ଜୀବିକା ସାଧନ କେନ୍ଦ୍ର ଉଦ୍ଘାଟନ – କାନ୍ଦିଲି ବନ ସୁରକ୍ଷା ସମିତି, ରାୟଗଡା ବନଖଣ୍ଡ


ବନ ସୁରକ୍ଷା ସମିତି ଗୃହ ତଥା ଜୀବିକା ସାଧନ କେନ୍ଦ୍ର ଉଦ୍‌ଘାଟନ –ଚେଡଙ୍ଗା ବନ ସୁରକ୍ଷା ସମିତି, ମାଲକାନଗିରି ବନଖଣ୍ଡ


ବନ ସୁରକ୍ଷା ସମିତି ଗୃହ ତଥା ଜୀବିକା ସାଧନ କେନ୍ଦ୍ର ଉଦ୍ଘାଟନ –ଧାବଡି ବନ ସୁରକ୍ଷା ସମିତି, କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ



ବନ ସୁରକ୍ଷା ସମିତି ଗୃହ ତଥା ଜୀବିକା ସାଧନ କେନ୍ଦ୍ର–ଡେପାଗୁଡା ବନ ସୁରକ୍ଷା ସମିତି,ଜୟପୁର ବନଖଣ୍ଡ


ବନ ସୁରକ୍ଷା ସମିତି ଗୃହ ତଥା ଜୀବିକା ସାଧନ କେନ୍ଦ୍ର ଉଦ୍ଘାଟନ – ଭାଲୁଡୁଙ୍ଗୁରୀ ବନ ସୁରକ୍ଷା ସମିତି, ବରଗଡ ବନଖଣ୍ଡ


ବନ ସୁରକ୍ଷା ସମିତି ଗୃହ ତଥା ଜୀବିକା ସାଧନ କେନ୍ଦ୍ର ଉଦ୍ଘାଟନ – ଶିକାରୀପଲ୍ଲୀ ବନ ସୁରକ୍ଷା ସମିତି, ବରଗଡ ବନଖଣ୍ଡ

## ଚ) ବିଭିନ୍ନ ବିଭାଗର ଯୋଜନା ସହ ସମନ୍ୱୟ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ

ଜଙ୍ଗଲ କୈନ୍ଦ୍ରିକ ଗୋଷ୍ଠୀ ବିକାଶ ଏବଂ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ମାଧ୍ୟମରେ ଜଙ୍ଗଲ ସନ୍ନିକଟ ଅଞ୍ଚଳରେ ରହୁଥିବା ସମ୍ପ୍ରଦାୟର ଜୀବିକାକୁ ପ୍ରୋତ୍ସାହିତ କରିବା ଆମ ଜଙ୍ଗଲ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅଟେ । ଜୀବିକା ପ୍ରୋତ୍ସାହନ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟ ସମ୍ପାଦନ ପାଇଁ ସିଧାସଳଖ ପ୍ରକଳ୍ପ ସହାୟତା ଉପଲବ୍ଧ ନଥିବାରୁ ବିଭିନ୍ନ ବିଭାଗରେ ଚାଲୁଥିବା ଯୋଜନା ସହିତ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ସମ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରକଳ୍ପ ହିତାଧିକାରୀଙ୍କ ଜୀବିକା ପ୍ରୋତ୍ସାହନ ଏବଂ ଆୟ ବୃଦ୍ଧିରେ ଆମ ଜଙ୍ଗଲ ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଗତ କିଛି ବର୍ଷ ମଧ୍ୟରେ ଆଦିବାସୀ ସମ୍ପ୍ରଦାୟର ଜୀବିକା ଦୃଶ୍ୟପଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ପାରିଛି । ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ, ଗ୍ରାମୀଣ ଯୁବକମାନଙ୍କ ଦକ୍ଷତା ବିକାଶ, ଲଘୁ ଉଦ୍ୟୋଗ ଭିତ୍ତିକ କାର୍ଯ୍ୟ ପାଇଁ ବ୍ୟକ୍ତି / ଗୋଷ୍ଠୀକୁ ସହାୟତା, ରାସ୍ତା, ଜଳାଶୟ ଏବଂ ଅନ୍ୟାନ୍ୟ ସାମୂହିକ ସମ୍ବଳର ନିର୍ମାଣ / ମରାମତି / ନବୀକରଣ, ପାନୀୟ ଜଳ ଯୋଗାଣ, ସରକାରୀ କଲ୍ୟାଣକାରୀ ଯୋଜନାସହ ସଂଯୋଗ, ବ୍ୟକ୍ତିଗତ ଗୃହ ନିର୍ମାଣ ଏବଂ ମନରେଗା ଭିତ୍ତିକ କାର୍ଯ୍ୟକ୍ରମ ଇତ୍ୟାଦି ଆନ୍ତଃ-କ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ ସମ୍ଭବ ହୋଇପାରିଛି । ଏହାବ୍ୟତୀତ ଅତି କମ ଯୋଜନା ପାଣ୍ଠି ବିନିଯୋଗରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଆନ୍ତଃ-କ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ ସହାୟତା ଉପଲବ୍ଧ ହୋଇଛି । ୨୦୨୩-୨୪ ଆର୍ଥିକବର୍ଷରେ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ୨୪୭.୭୫ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଆନ୍ତଃ- ବିଭାଗୀୟ ସଂଯୋଗୀକରଣ ଦ୍ୱାରା ସମ୍ପାଦିତ ହୋଇଛି, ଯେଉଁଥିରୁ ସମନ୍ୱୟର ସଫଳତା ସ୍ପଷ୍ଟ ବାରି ହୋଇ ପାରୁଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ୪,୮୯,୧୬୬ ହିତାଧିକାରୀ ଉପକୃତ ହୋଇଛନ୍ତି । ମନରେଗା, ମିଶନ ଶକ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY), ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (PMUY), କାଳିଆ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ଓ ରାଜ୍ୟ ଉଦ୍ୟାନ କୃଷି ମିଶନ, ମିଲେଟ୍ ମିଶନ, Corporate CSR ଏବଂ ଅନ୍ୟାନ୍ୟ ସୂତ୍ରରୁ ପାଣ୍ଠି ସମେତ ୩୯ଟି ବିଭାଗରୁ ଏହି ଯୋଜନା ମାଧ୍ୟମରେ ସଫଳତାର ସହ ଆର୍ଥିକ ସହାୟତାର ବନ୍ଦୋବସ୍ତ ହୋଇ ପାରିଛି ।











ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ଜୀବିକା ପ୍ରୋତ୍ସାହନକାରୀ କାର୍ଯ୍ୟକ୍ରମ (ପନିପରିବା ଚାଷ, ଫଳ ଚାଷ ଓ ମତ୍ସ୍ୟ ଚାଷ)–ପୁଟୁପଡା ବନ ସୁରକ୍ଷା ସମିତି, ଖରିଆର ବନଖଣ୍ଡ




ମତ୍ସ୍ୟ ଚାଷ – ରତନଗୁଡା ବନ ସୁରକ୍ଷା ସମିତି, ନବରଙ୍ଗପୁର ବନଖଣ୍ଡ



ଛତୁ ଚାଷ – ନାଇ ଗାଁ ବନ ସୁରକ୍ଷା ସମିତି, କେନ୍ଦୁଝର ବନଖଣ୍ଡ



ପନିପରିବା ଚାଷ –ହାଏରପୁର ବନ ସୁରକ୍ଷା ସମିତି, କେନ୍ଦୁଝର ବନଖଣ୍ଡ




ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଲାଇଡଗୁଣା ବନ ସୁରକ୍ଷା ସମିତି ସଭ୍ୟାଙ୍କ ଦ୍ୱାରା ନିଜସ୍ୱ ପୋଖରୀରୁ ମାଛ ବିକ୍ରୟ



ଟଭାକୁଦ ବନ ସୁରକ୍ଷା ସମିତି ସଭ୍ୟା ମାନଙ୍କୁ ଛେଳି ପାଳନ ପାଇଁ ସହାୟତା, କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ



ଡାଳିମ୍ବ ଚାଷ ପାଇଁ ପ୍ରୋତ୍ସାହନ – ବୋଦଲାପଡା ବନ ସୁରକ୍ଷା ସମିତି,ଖରିଆର ବନଖଣ୍ଡ




ମହିଳା ଗୋଷ୍ଠୀଙ୍କ ଦ୍ୱାରା ଲଙ୍କାମରୀଚ ଚାଷ–ବାମରା ବନ୍ୟପ୍ରାଣୀ ବନଖଣ୍ଡ




ଖରୁଆ ତୋଲି ମହିଳା ଗୋଷ୍ଠୀଙ୍କ ଦ୍ୱାରା ସୋରିଷ ଚାଷ–ରାଉରକେଲା ବନଖଣ୍ଡ




ବାଇଗଣ ଚାଷ ପାଇଁ ପ୍ରୋତ୍ସାହନ –ଗୋଧିହୁଡି ବନ ସୁରକ୍ଷା ସମିତି, କେନ୍ଦୁଝର ବନଖଣ୍ଡ




ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଲାଇଡଗୁଣା ବନ ସୁରକ୍ଷା ସମିତି ସଭ୍ୟାଙ୍କ ଦ୍ୱାରା ଛତୁ ଚାଷ



ବଲାଙ୍ଗିର ବନଖଣ୍ଡ ରେ VSS ସଭ୍ୟ ମାନଙ୍କ ପାଇଁ ଉନ୍ନତ ଯନ୍ତ୍ରପାତି ବ୍ୟବହାର ସମ୍ପର୍କିତ ତାଲିମ ଶିବିର




ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ ଗଙ୍ଗା ମାତା ମହିଳା ସ୍ୱୟଂ ସହାୟିକା ସମିତି ସଭ୍ୟାଙ୍କ ପାଇଁ ଛତୁ ଚାଷ ତାଲିମ




କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଯୁଗସାଇ ପାଟଣା ଭିଏସଏସ ସଭ୍ୟାଙ୍କୁ କୁକୁଡା ଚିଆଁ ବଣ୍ଟନ



ଆଇଟିଡ଼ିଏ ସହିତ ସଂଯୋଗୀକରଣ ମାଧ୍ୟମରେ ଲଙ୍କାମରିଚ ଚାଷ– ମେଣ୍ଢୀଆକନି ବନସୁରକ୍ଷା ସମିତି (ଦେବଗଡ ବନଖଣ୍ଡ)




ବଣାଇ ବନଖଣ୍ଡ ଅନ୍ତର୍ଗତ ସନ୍ଧ୍ୟାରାଣୀ ମହିଳା ସ୍ୱୟଂ ସହାୟିକା ସମିତି ସଭ୍ୟାଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରୟ ପାଇଁ ପ୍ରସ୍ତୁତି



ବଲାଙ୍ଗିର ବନଖଣ୍ଡ ଅନ୍ତର୍ଗତ ପ୍ରତାପପୁର VSS ସଭ୍ୟ ବିଭୀଷଣ ପ୍ରଧାନଙ୍କ ଦ୍ୱାରା ଉତ୍ପାଦିତ ବାଇଗଣ ଫସଲ

## କ) ବିଶ୍ୱ ବନଦିବସ, ୨୦୨୪ ପାଳନ

ଆମ ଜଙ୍ଗଲ ଯୋଜନା ଅନ୍ତର୍ଭୁକ୍ତ ରାଜ୍ୟର ସମସ୍ତ ବନଖଣ୍ଡରେ ମାର୍ଚ୍ଚ ୨୧, ୨୦୨୪ରେ ବିଶ୍ୱ ବନଦିବସ ଭାବରେ ପରିଚିତ 'ଆନ୍ତର୍ଜାତିକ ବନଦିବସ' ପାଳନ କରାଯାଇଛି। ୨୦୨୪ ବିଶ୍ୱ ବନଦିବସର ବିଷୟବସ୍ତୁ ଥିଲା "ଜଙ୍ଗଲ ଏବଂ ଉଦ୍ଭାବନ: ଉନ୍ନତ ବିଶ୍ୱ ପାଇଁ ନୂତନ ସମାଧାନ"। ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାର ଏବଂ ପ୍ରକୃତି ଉପରେ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବାର ଉପାୟ ଗୁଡ଼ିକ ପ୍ରକୃତିପ୍ରେମୀ ମାନଙ୍କ ମଧ୍ୟରେ ପ୍ରସାର କରିବା ଥିଲା ଏହି ଦିବସର ପ୍ରମୁଖ ଉଦ୍ଦେଶ୍ୟ। ସାରା ରାଜ୍ୟରେ ବ୍ୟାପକ ଜଙ୍ଗଲରେ ନିଆଁ ଲାଗିବା କାରଣରୁ ଚଳିତ ବର୍ଷ ଅଭିନବ ଉପାୟରେ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ପାଇଁ ଏହି ଦିବସରେ ମୁଖ୍ୟ ଲକ୍ଷ୍ୟ ରଖାଯାଇଥିଲା।






ମାଲକାନଗିରି ବନଖଣ୍ଡରେ ବିଶ୍ୱ ବନଦିବସ ପାଳନ






କେନ୍ଦୁଝର ବନଖଣ୍ଡରେ ବିଶ୍ୱ ବନଦିବସ ପାଳନ

## ଖ) ଆଦିବାସୀ ମେଳା, ୨୦୨୪ରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS)ର ଅଂଶଗ୍ରହଣ

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ 'ଆଦିବାସୀ ମେଳା' ନାମରେ ପରିଚିତ ଏହି ରାଜ୍ୟସ୍ତରୀୟ ବାର୍ଷିକ ଆଦିବାସୀ ମେଳା ଓଡ଼ିଶାର ଆଦିବାସୀ ଓ ସହରାଞ୍ଚଳବାସୀଙ୍କ ମଧ୍ୟରେ ସାମାଜିକ-ସାଂସ୍କୃତିକ ସମନ୍ୱୟ ପାଇଁ ଏକ ନିଆରା କାର୍ଯ୍ୟକ୍ରମ। ଏହା ଓଡ଼ିଶାର ସବୁଠାରୁ ପୁରାତନ ଏବଂ ରଙ୍ଗୀନ ପର୍ବ ଯାହା ଗ୍ରାମୀଣ, ବିଶେଷକରି ଆଦିବାସୀ ଏବଂ ସହରୀ ଲୋକମାନଙ୍କ ମଧ୍ୟରେ କଳା, ସଂସ୍କୃତି, ପରମ୍ପରା, ହସ୍ତଶିଳ୍ପ ଏବଂ ଅର୍ଥନୈତିକ ଆଦାନ ପ୍ରଦାନକୁ ପ୍ରଦର୍ଶିତ କରେ। ଫେବ୍ରୁଆରି ୨୬ ରୁ ମାର୍ଚ୍ଚ ୪, ୨୦୨୪ ପର୍ଯ୍ୟନ୍ତ ଆୟୋଜିତ ଏହି ଆଦିବାସୀ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଅଂଶଗ୍ରହଣ କରିଥିଲା। ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଅନ୍ତର୍ଭୁକ୍ତ ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି (EDC) ଓ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ସଫଳତାକୁ ପ୍ରଦର୍ଶନ କରିବା ସହିତ

ଏହି ମଞ୍ଚକୁ ସେମାନଙ୍କ ଉତ୍ପାଦ ସାମଗ୍ରୀର ପ୍ରଚାର ପ୍ରସାର ପାଇଁ ବ୍ୟବହାର କରିଥିଲେ । ସାମଗ୍ରୀର ଉତ୍ପାଦ ଭିତ୍ତିକ ପ୍ରଦର୍ଶନ ଅନେକ ଗବେଷକ ଏବଂ ବିପଣନ ଅନୁଷ୍ଠାନ ମାନଙ୍କୁ ଆକର୍ଷିତ କରିଥିଲା, ଯାହା ଭବିଷ୍ୟତରେ ବ୍ୟବସାୟ ପାଇଁ ଆମର ଅଂଶୀଦାର ମାନଙ୍କର ସହାୟକ ହୋଇପାରେ ।

ଅଧିକନ୍ତୁ, ଆମ ଜଙ୍ଗଲ ଯୋଜନା ଅନ୍ତର୍ଭୁକ୍ତ ସାତ ଗୋଟି ବନ ସୁରକ୍ଷା ସମିତି (ଭିଏସଏସ) ଆଦିବାସୀ ମେଳା, ୨୦୨୪ରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ୫.୨ ଲକ୍ଷ ଟଙ୍କା ମୂଲ୍ୟର ଜଙ୍ଗଲ ଏବଂ ଅଣ-ଜଙ୍ଗଲ ଉତ୍ପାଦ ବିକ୍ରି କରିଥିଲେ ।







ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ଆଦିବାସୀ ମେଳାରେ ଅଂଶଗ୍ରହଣ ଓ ମାନନୀୟ ଉପ-ନିର୍ଦ୍ଦେଶକ ଶ୍ରୀଯୁକ୍ତ ଯଶୋବନ୍ତ ବେରିହାଙ୍କ ଦ୍ୱାରା ପ୍ରଦର୍ଶନୀ ସ୍ଥଳରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରଦର୍ଶନର ଶୁଭ ଉଦ୍ଘାଟନ












ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ପ୍ରଦର୍ଶନୀ ସ୍ଥଳରେ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରିବଟା

## ସଫଳତା କାହାଣୀ

*ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଆନ୍ତଃ ବିଭାଗୀୟ ସଂଯୋଗୀକରଣ ସହାୟତାରେ ଅନେକ ସଫଳ କାହାଣୀ ସୃଷ୍ଟି ହୋଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଜୀବିକା ଉନ୍ନୟନ ଏବଂ ଗୋଷ୍ଠୀ ବିକାଶ ସହିତ ଜଡିତ, ଯାହା ସମନ୍ୱୟ ମାଧ୍ୟମରେ ଆମଜଙ୍ଗଲ ଯୋଜନାର ସଫଳତାକୁ ପ୍ରଦର୍ଶନ କରେ । ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ବନ ସୁରକ୍ଷା ସମିତି ମାନଙ୍କର ଅନେକ ଅସାଧାରଣ ସଫଳତା ମଧ୍ୟ ରହିଛି । ସେଥିମଧ୍ୟରୁ କେତେକ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଗୋଷ୍ଠୀ ସମୁଦାୟର ସାମଗ୍ରିକ ବିକାଶ ପାଇଁ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଏ । ଏଭଳି କିଛି ପ୍ରୟାସକୁ ସଫଳତା କାହାଣୀ ଭାବରେ ଏଠାରେ ପ୍ରକାଶ କରାଗଲା......*

### କାହାଣୀ-୧

### କୃଷି ଜାତ ଦ୍ରବ୍ୟର ଅମଳ ପରବର୍ତ୍ତୀ ପରିଚାଳନାର ଅଭିନବ ଯାନ୍ତ୍ରୀକରଣ ମାଧ୍ୟମରେ ରୋଜଗାର ବୃଦ୍ଧି - କୋରାପୁଟ ବନଖଣ୍ଡ ଅନ୍ତର୍ଗତ ବରପୁଟ ବନ ସୁରକ୍ଷା ସମିତିର ଏକ ସଫଳ କାହାଣୀ

*କୋରାପୁଟ ଜିଲ୍ଲାର ଦକ୍ଷିଣ ଭାଗ କୃଷି ଉତ୍ପାଦନରେ ସମୃଦ୍ଧ । ବିଶେଷକରି ମସଲାଜାତୀୟ ଫସଲ, ଯଥା- ଅଦା, ହଳଦୀ, ଗୋଲମରିଚ ଏବଂ ଅନ୍ୟାନ୍ୟ ଅନେକ । ଅଥଚ ପର୍ଯ୍ୟାପ୍ତ ମାନ ନିୟନ୍ତ୍ରଣ, ମୂଲ୍ୟଯୋଗ ଏବଂ ବିକ୍ରିବଟା ସୁଯୋଗ ନଥିବାରୁ, ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତିର ସଦସ୍ୟ ଥିବା ଉତ୍ପାଦକମାନଙ୍କୁ ଉଚିତ ମୂଲ୍ୟ ମିଳିବା କଷ୍ଟକର ଥିଲା । ଫଳରେ ସଦସ୍ୟମାନେ ଅନେକ ସମୟରେ ଦାରିଦ୍ର୍ୟ ମଧ୍ୟରେ ନିଷ୍ପେଷିତ ହେଉଥିଲେ । ଜଙ୍ଗଲ ସନ୍ନିକଟ ଅଧିବାସୀ ମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ କୋରାପୁଟ ବନଖଣ୍ଡ ଅଧିକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ସଦସ୍ୟମାନଙ୍କୁ ଉତ୍ପାଦିତ ଅଦା ଫସଲର ଉତ୍ତମ ମୂଲ୍ୟ ପାଇବା ପାଇଁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣଏବଂ ବଜାରର ଚାହିଦା ପ୍ରତି ଧ୍ୟାନ ଦେବା ପାଇଁ ଉତ୍ସାହିତ କରିଥିଲେ । ଏହି ପ୍ରକ୍ରିୟାରେ ଆମ ଜଙ୍ଗଲ ଯୋଜନାର କର୍ମକର୍ତ୍ତା ସ୍ଥାନୀୟ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଚିହ୍ନଟ କରି ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ମୂଲ୍ୟଯୋଗ (value addition) ଉପରେ ଗୁରୁତ୍ୱ ପ୍ରଦାନ କରିଛି । ଏହି ଉଦ୍ଦେଶ୍ୟରେ ବନଖଣ୍ଡ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବନ ସୁରକ୍ଷା ସମିତିର ସଦସ୍ୟ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପାରସ୍ପାରିକ ଆଲୋଚନା ଅନୁଷ୍ଠିତ ହୋଇଛି । ଫଳରେ ଅଧିବାସୀ ମାନେ ସେମାନଙ୍କର ପସନ୍ଦର ଉତ୍ପାଦ ଚାଷ କରିବା ସହିତ ଜୀବିକା ନିର୍ବାହ ପାଇଁ ଏକ ସ୍ଥାୟୀ ପନ୍ଥା ଯୋଗାଡ କରିବାରେ ସମର୍ଥ ହେଇଛନ୍ତି । ଦାରିଦ୍ର୍ୟ ସହିତ ଦୀର୍ଘ ଦିନର ସଂଘର୍ଷ ପରେ ଆୟ ବୃଦ୍ଧିରେ ଉଦାହରଣ ସୃଷ୍ଟି କରିଥିବା ସଫଳ ମହିଳା ଉଦ୍ୟୋଗର ଏକ ପ୍ରେରଣାଦାୟୀ କାହାଣୀ ଏଠାରେ ବର୍ଣ୍ଣନା କରାଯାଇଛି ।*

କୋରାପୁଟ ବନଖଣ୍ଡ ଅଧୀନସ୍ଥ ଶିମିଳିଗୁଡା ବନାଞ୍ଚଳ (ଫରେଷ୍ଟ ରେଞ୍ଜ)ଠାରୁ ୨୭ କିଲୋମିଟର ଦୂରରେ ଅବସ୍ଥିତ 'ବରପୁଟ' ଗାଁ । ୨୦୨୦-୨୧ ମସିହାରେ ଆମ ଜଙ୍ଗଲ ଯୋଜନାରେ ଏହି ଗାଁକୁ ଅନ୍ତର୍ଭୁକ୍ତ କରାଯାଇ ବନ ସୁରକ୍ଷା ସମିତିର ପୁନର୍ଗଠନ କରାଯାଇଥିଲା । ଏହି ବନ ସୁରକ୍ଷା ସମିତିରେ ମୋଟ ୪୭ଟି ପରିବାର ସାମିଲ ଅଛନ୍ତି ଓ ସମସ୍ତେ ପଛୁଆ ବର୍ଗର ଅନ୍ତର୍ଭୁକ୍ତ । ସମସ୍ତ ଗ୍ରାମବାସୀ ପ୍ରାୟତଃ ବର୍ଷସାରା ବିଭିନ୍ନ ଫସଲ ଚାଷ କରୁଥିବା ଚାଷୀ ସଂପ୍ରଦାୟ ଅଟନ୍ତି । ସେମାନେ ବର୍ଷସାରା ବିଭିନ୍ନ ଫସଲ ଚାଷ କରି ନିକଟସ୍ଥ ବଜାରରେ ବିକ୍ରି କରି ପରିବାର ଚଳାଉଥାନ୍ତି । ଏହା ବ୍ୟତୀତ ଗ୍ରାମରେ ତିନି ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟ ରହିଅଛି ।

ଆମ ଜଙ୍ଗଲ ଯୋଜନା କର୍ମକର୍ତ୍ତାଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଥିଲା ଯେ, ପ୍ରାୟ ସମସ୍ତ କୃଷକ ଏକ ପ୍ରମୁଖ ଅର୍ଥକରୀ ଫସଲ ଭାବରେ ଅଦା ଚାଷ କରୁଛନ୍ତି । ତେବେ ଅମଳ ଋତୁରେ ସ୍ଥାନୀୟ ବଜାରରେ କଞ୍ଚା ଅଦା ବିକ୍ରି କରି ସେମାନେ ବହୁତ କମ୍ ମୂଲ୍ୟ ପାଉଛନ୍ତି । ବାହ୍ୟ ବଜାରରେ ଅଦା ଓ ଅଦା ଉତ୍ପାଦର ଚାହିଦା ଅଧିକ ଥିବା ବେଳେ ଅଧିକ ଅମଳ ଓ ଅମଳ ପରବର୍ତ୍ତୀ ସଂରକ୍ଷଣ ସୁବିଧା ଅଭାବରୁ ସେମାନେ ସେମାନଙ୍କ ଉତ୍ପାଦ ସାମଗ୍ରୀକୁ ସ୍ଥାନୀୟ ବଜାରରେ ଅତି କମ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଅଦାର ମୂଲ୍ୟ ଯୋଗ ସହିତ ଅଦା ଚାଷୀଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରି ଆମ ଜଙ୍ଗଲ ଯୋଜନା ଦଳ (AJY Team) ଏହାକୁ ଏକ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ହିସାବରେ ଆଦୃତ କରିବାକୁ ପଦକ୍ଷେପ ନେଇଥିଲା । ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୩୦ଟି ଅଦା ସୁଖାଇବା ମେସିନ୍ ସହାୟତା ସହିତ ଏହାର

ପରିଚାଳନା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍ୟାନ କୃଷି ବିଭାଗ ଏବଂ ଶିମିଳିଗୁଡାସ୍ଥିତ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ସମନ୍ୱୟ ମାଧ୍ୟମରେ ଏହା ସମ୍ଭବ ହୋଇ ପାରିଥିଲା । ବର୍ତ୍ତମାନ ଏହି ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନେ ଅମଳ ଋତୁରେ କଞ୍ଚା ଅଦା ସଂଗ୍ରହ କରୁଛନ୍ତି, ଖଣ୍ଡ ଅଦା ତିଆରି କରୁଛନ୍ତି, ଶୁଖାଉଛନ୍ତି ଏବଂ ବଜାରରେ ମୂଲ୍ୟ ବୃଦ୍ଧି ନ ହେବା ପର୍ଯ୍ୟନ୍ତ ସଂରକ୍ଷିତ ରଖୁଛନ୍ତି।

ଗୋଟିଏ ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟା ଅଦା ଚାଷ, ମୂଲ୍ୟ ଯୋଗ କରି ଓ ସ୍ଥାନୀୟ ବଜାରରେ ବିକ୍ରି କରି ସେମାନଙ୍କ ପାରମ୍ପରିକ ଆୟର ପାଞ୍ଚଗୁଣା ରୋଜଗାର କରିବାରେ ସକ୍ଷମ ହୋଇଥିବା ଦେଖିବାକୁ ମିଳିଛି। ଆମ ଜଙ୍ଗଲ ଯୋଜନା କର୍ମକର୍ତ୍ତାଙ୍କ ସଠିକ ମାର୍ଗଦର୍ଶନ ଏବଂ ସହାୟତା ଉପରେ ସନ୍ତୋଷ ବ୍ୟକ୍ତ କରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ନିଜର ପାଣ୍ଠିରୁ ଅଧିକ ସଂଖ୍ୟକ ଶୁଖିଲା ଅଦା ମେସିନ୍ କିଣି ସେମାନଙ୍କ ଆୟ ଏବଂ ବ୍ୟବସାୟର ପରିସର ବୃଦ୍ଧି କରିବା ପାଇଁ ଯୋଜନା କରୁଛନ୍ତି।




ବାରପୁଟ ଗ୍ରାମରେ ଆମ ଜଙ୍ଗଲ ଯୋଜନା ଦଳ




ଅଦା ଶୁଖାଇବା ଯନ୍ତ୍ର ବଣ୍ଟନ ପାଇଁ ପ୍ରସ୍ତୁତି

## କାହାଣୀ-୨

### ଫୁଲଝାଡୁ ଚାଷ ଘରୋଇ ଅର୍ଥନୀତିର ମେରୁଦଣ୍ଡ ପାଲଟିଛି : ଫୁଲବାଣୀ ବନଖଣ୍ଡର ଘୁ.ଉଦୟଗିରି ଫରେଷ୍ଟ ରେଞ୍ଜ ଅନ୍ତର୍ଗତ "ସିର୍କି"ବନ ସୁରକ୍ଷା ସମିତିର ଏକ ସଫଳ କାହାଣୀ

*ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମ୍ପ୍ରଦାୟର ରୋଜଗାର ବୃଦ୍ଧି ପାଇଁ ସମ୍ପ୍ରତି ଜଙ୍ଗଲ ଭିତ୍ତିକ ନିର୍ଦ୍ଦିଷ୍ଟ ଉତ୍ପାଦର ବାଣିଜ୍ୟିକ ଉତ୍ପାଦନ ବିଷୟରେ ଚିନ୍ତା କରିବାର ସମୟ ଆସିଛି। ଏହାଦ୍ୱାରା ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମାଲିକାନାରେ ଥିବା ସ୍ୱଳ୍ପ ଅମଳକ୍ଷମ ଢିପ ଜମିର ଉପଯୁକ୍ତ ବିନିଯୋଗ ହୋଇପାରିବ। ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମ୍ପ୍ରଦାୟର ଜୀବିକାରେ ଉନ୍ନତି ଆମ ଜଙ୍ଗଲ ଯୋଜନାର ଏକ ପ୍ରମୁଖ ଆଭିମୁଖ୍ୟ। ତେବେ ପ୍ରକଳ୍ପ ଅନ୍ତର୍ଗତ ଗ୍ରାମମାନଙ୍କରେ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରକଳ୍ପ ତରଫରୁ ସିଧାସଳଖ ଆର୍ଥିକ ସହାୟତାର କୌଣସି ପ୍ରାବଧାନ ନାହିଁ। ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମ ପାଇଁ ପ୍ରକଳ୍ପ ପକ୍ଷରୁ ଆନ୍ତଃବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେବାଠାରୁ VSS ସଦସ୍ୟମାନେ ସେମାନଙ୍କୁ ଦିଆଯାଇଥିବା ଜଙ୍ଗଲ ଅଞ୍ଚଳର ସଂରକ୍ଷଣ ପାଇଁ ଆନ୍ତରିକତାର ସହ କାର୍ଯ୍ୟ ନିର୍ବାହ କରୁଛନ୍ତି। ଜୀବିକା ଉନ୍ନୟନ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ପାଇଁ ସମ୍ପୃକ୍ତ ସରକାରୀ ବିଭାଗ ସହ ପରାମର୍ଶ କରି ପ୍ରକଳ୍ପ କର୍ମଚାରୀ ଏବଂ ପ୍ରକଳ୍ପରେ ନିୟୋଜିତ ବେସରକାରୀ ଅନୁଷ୍ଠାନ ଆବଶ୍ୟକତା ଭିତ୍ତିକ ସହାୟତା ପ୍ରଦାନ କରୁଛନ୍ତି।*

*ସିର୍କି ବନ ସୁରକ୍ଷା ସମିତିରେ ନିଆ ଯାଇଥିବା ଏହି ପଦକ୍ଷେପ ଆମ ଜଙ୍ଗଲ ଯୋଜନା ଦଳର ନିରନ୍ତର ପ୍ରୟାସର ଏକ ଆଦର୍ଶ ଉଦାହରଣ। ଅତିରିକ୍ତ ରୋଜଗାର ଦ୍ୱାରା ଅଧିବାସୀ ମାନଙ୍କର ଜୀବନ ଜୀବିକା ଢାଞ୍ଚାରେ ପରିବର୍ତ୍ତନ ଆଣିବା ଆମ ଜଙ୍ଗଲ ଯୋଜନା ଟିମ୍ ପାଇଁ ଏକ ଆହ୍ୱାନ ମୂଳକ କାର୍ଯ୍ୟ ଥିଲା; ତେବେ ବନ ସୁରକ୍ଷା ସମିତିର ସଦସ୍ୟଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଆମ ଜଙ୍ଗଲ ଯୋଜନା ଟିମ୍ ନିରନ୍ତର ପ୍ରୟାସ ଜାରି ରଖିଛି। ଏହି ପ୍ରେରଣାଦାୟୀ କାହାଣୀ ଅନ୍ୟ ବନଖଣ୍ଡ ଗୁଡିକୁ ମଧ୍ୟ ଦାରିଦ୍ର୍ୟ ବିରୋଧରେ ଲଢ଼ିବା ପାଇଁ ସମାନ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇବ।*







ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ ଘୁ.ଉଦୟଗିରି ରେଞ୍ଜ ଅଧୀନରେ ଥିବା ଏକ ଛୋଟ ଗାଁ ହେଉଛି "ସିର୍କି" । ମୃତ୍ତିକା ସଂରକ୍ଷଣ ବିଭାଗ ସହାୟତାରେ ଆମ ଜଙ୍ଗଲ ଯୋଜନା ଟିମ୍ ଏହି ବନ ସୁରକ୍ଷା ସମିତିର କିଛି ସଦସ୍ୟଙ୍କୁ ଫୁଲଝାଡୁ ଚାଷ ପାଇଁ ମନୋନୀତ କରିଥିଲେ। ଏଥିପାଇଁ ଆମ ଜଙ୍ଗଲ ଯୋଜନା ଟିମ୍ କୃଷକମାନଙ୍କୁ "କୃଷକ ପୋର୍ଟାଲ" ମାଧ୍ୟମରେ ଆବେଦନ କରିବା ଏବଂ ରାଜ୍ୟ ଯୋଜନା ସ୍କିମ ଅନ୍ତର୍ଗତ ଫୁଲଝାଡୁ ଚାଷ ପାଇଁ ଆବଶ୍ୟକ ପ୍ରୋତ୍ସାହନ ପାଇବାରେ ସାହାଯ୍ୟ କରିଥିଲା। ସହାୟତା ହିତାଧିକାରୀମାନଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଏଥିପାଇଁ ପ୍ରଶିକ୍ଷଣ ପାଇଁ ମନୋନୀତ କରାଯାଇଥିଲା। ପ୍ରସ୍ତାବିତ ତାଲିକାରେ ଥିବା ଅନେକ ଚାଷୀଙ୍କ ମଧ୍ୟରୁ ସିର୍କି ବନ ସୁରକ୍ଷା ସମିତିର ଶ୍ରୀଯୁକ୍ତ ଚୈତନ୍ୟ ପ୍ରଧାନ, ଅସପତି ପ୍ରଧାନ, ଜଦାମା ପ୍ରଧାନ, ସିପୁରା ପ୍ରଧାନ ଓ ବିଘ୍ନରାଜ ପ୍ରଧାନ ନାମକ ୫ଜଣ ଚାଷୀଙ୍କୁ ବ୍ୟବସାୟିକ ଭିତ୍ତିରେ ନିଜ ଜମିରେ ଫୁଲଝାଡୁ ଚାଷ ପାଇଁ ଚୟନ କରାଯାଇଥିଲା। ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଜମି ଅନୁଧ୍ୟାନ ପରେ ଚାଷୀମାନେ ଫୁଲଝାଡୁ ଘାସ ଚାଷ ପାଇଁ ନିଜ ଜମି ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଏହି ଯୋଜନାରେ ଥିବା ପ୍ରାବଧାନ ଅନୁଯାୟୀ ବିଭାଗ ପକ୍ଷରୁ ପ୍ରତ୍ୟେକଙ୍କୁ ୩୦୦୦ ସଂଖ୍ୟକ ଉତ୍ତମ ମାନର ଚାରା ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଏହି ଚାଷ ପାଇଁ ଆମ ଜଙ୍ଗଲ ଯୋଜନା ଦଳ ତରଫରୁ ନିୟମିତ ତଦାରଖ, ମାର୍ଗ ଦର୍ଶନ ଓ ସମନ୍ୱୟ ରକ୍ଷା କରାଯାଇଥିଲା। କୌଣସି ନିଜସ୍ୱ ମୂଳଧନ ବିନିଯୋଗ ବିନା ୪ ଏକର ଜମିରେ ଚାଷୀ ମାନଙ୍କ ଦ୍ୱାରା ଫୁଲଝାଡୁ ଚାଷ କରାଯାଇଥିଲା। ଚାରା ରୋପଣର ପ୍ରାୟ ୧୨ ମାସ ପରେ ହିତାଧିକାରୀମାନେ ଫୁଲଝାଡୁ ଅମଳ କରିବାରେ ସକ୍ଷମ ହୋଇଥିଲେ ଏବଂ ପ୍ରଥମ ଅମଳ ବିକ୍ରି କରି ପ୍ରତ୍ୟେକ ଚାଷୀ ୪୦,୦୦୦ ଟଙ୍କାର ଅତିରିକ୍ତ ରୋଜଗାର କରିପାରିଥିଲେ। ସେମାନେ ସମସ୍ତେ ଏବେ ଅନ୍ୟ ଆଗ୍ରହୀ କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ ଫୁଲଝାଡୁ ଚାରା ଉତ୍ପାଦନ ପାଇଁ ନର୍ସରୀ ପ୍ରସ୍ତୁତ କରୁଛନ୍ତି।

ସିର୍କି ବନ ସୁରକ୍ଷା ସମିତିର ସମସ୍ତ କୃଷକ ପଡ଼ୋଶୀ ଗାଁ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି, ଯେଉଁଥିପାଇଁ ଅନ୍ୟ କୃଷକମାନେ ଏବେ ସେମାନଙ୍କ ଢିପଜମିରୁ ଅତିରିକ୍ତ ରୋଜଗାର କରିବା ଉଦ୍ଦେଶ୍ୟରେ ସମାନ ପ୍ରକାର ଚାଷ କରିବା ପାଇଁ ଆଗେଇ ଆସୁଛନ୍ତି। ଆମ ଜଙ୍ଗଲ ଯୋଜନା ଦ୍ୱାରା ନିଆଯାଇଥିବା ପଦକ୍ଷେପ ସେମାନଙ୍କ ସ୍ୱଳ୍ପ ଉତ୍ପାଦକ ଢିପ ଜମିକୁ ଅର୍ଥ ଉପାର୍ଜ୍ଜନକାରୀ ମଡେଲରେ ପରିଣତ କରିବାରେ ସାହାଯ୍ୟ କରିଛି ।

୨୦୨୪-୨୫ ଆର୍ଥିକ ବର୍ଷରେ ଏହି ବନ ସୁରକ୍ଷା ସମିତି ଓ ଆଖପାଖ ଅଞ୍ଚଳର ୧୦ରୁ ଅଧିକ ଚାଷୀ ସମାନ ପ୍ରକାର ଜୀବିକା ସହାୟତା ପ୍ରଦାନ ପାଇଁ ଆବେଦନ କରିଛନ୍ତି। ଏହି ସଫଳ ଯାତ୍ରାରେ ଆମ ଜଙ୍ଗଲ ଯୋଜନା ଟିମ୍ ର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଉପଲବ୍ଧି କରି ଚାଷୀମାନେ ଆମ ଜଙ୍ଗଲ ଯୋଜନା ଦଳକୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଛନ୍ତି।


**ସମ୍ପାଦନା ମଣ୍ଡଳୀ**

ଯୋଗାଯୋଗ: **ଆମ ଜଙ୍ଗଲ ଯୋଜନା କକ୍ଷ**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
SFTRI ପରିସର, ଘାଟିକିଆ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୩୮୬୦୮୪, ୨୩୮୬୦୧୬
ଇ-ମେଲ: webmail@ofsdp.org

ମୁଖ୍ୟ ସମ୍ପାଦକ: **ଡ଼ଃ ମୀତା ବିଶ୍ୱାଳ**, ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି, ଭୁବନେଶ୍ୱର

ସମ୍ପାଦକ: **ଶ୍ରୀ ବିଜୟ ରାମ ସେନାପତି,**
ବିଷୟବସ୍ତୁ ବିଶେଷଜ୍ଞ (ତାଲିମ ଓ ପ୍ରସାର), ଆମ ଜଙ୍ଗଲ ଯୋଜନା

*design and print: thirdeyecoindia@gmail.com*